# Akashvani, Sambalpur

## SAMBALPURI NEWS EVENING BULLETIN

## 2 November 2024- 7.02 pm- 7.12 pm.

*********************************************

୧- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ନ ୮ ଶହ ୯୦ କୋଟି ଟଙ୍କାର୍ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର କଲେ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ ।

୨- ଜାତୀୟ ଶିକ୍ଷାନୀତିଥି ମାତୃଭାଷାଥି ଶିକ୍ଷାଦାନ୍‌କେ ଜୋର୍ ଦିଆଯାଇଛେ- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୩- ରାଜ୍ୟର୍ ୮ ଶହ ୮୫ ଟା ପେକ୍ସ ଆଉ ଲେମ୍ପ୍‌ସର ଭିତିଭୂମିର୍ ବିକାଶ୍ ଲାଗି ଦିଆଯାଇଛେ ୨ ଶହ କୋଟି ୩୯ ଲାଖ୍‌ନୁ ଅଏତ୍‌କା ଟଙ୍କା ।

ଆଉର୍

୪- ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ହେମ୍‌ଗିର୍ ପାଖର୍ ଗଇକନ୍‌ପାଲି ନ ସଡ଼କ୍ ଦୁର୍ଘଟଣାଥି ୫ ଝନ୍‌କର୍ ଗଲା ଜୀବନ୍ ।

ମୁଖ୍ୟମନ୍ତ୍ରୀ- ବଲାଙ୍ଗିର୍ ଗସ୍ତ ପ୍ରେସ୍ ରିଲିଜ୍/ ବଲାଙ୍ଗିର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨ ଦିନିଆ ବଲାଙ୍ଗିର୍ ଜିଲ୍ଲା ଗସ୍ତ ନ ଆସିକରି ବେଲପଡ଼ା ଆର୍ ପାଟ୍ନାଗଡ୍ ଠାନେ ୮ ଶହ ୯୦ କୋଟି ଟଙ୍କାର ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଆର୍ ଉଦ୍‌ଘାଟନ୍ କରିଛନ୍ । ଜଲ୍‌ସେଚନ୍, ସ୍ୱାସ୍ଥ୍ୟ ଭିତିଭୂମି, ପାଇପ୍ ଜଲଯୋଗାଣ ପ୍ରକଳ୍ପ, ସେତୁନିର୍ମାଣ ପ୍ରକଳ୍ପ , ସଡ଼କ୍ ନିର୍ମାଣ ପ୍ରକଳ୍ପ ବାଗିର୍ ୮୩ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଶିଲାନ୍ୟାସ୍ କରିଛନ୍ । ମୁଖ୍ୟମନ୍ତ୍ରୀ ପହେଲା ତୁଷ୍‌ରା ଏୟାର୍‌ଷ୍ଟ୍ରିପ୍ ଠାନେ ୬୫ କୋଟି ଟଙ୍କା ଖର୍ଚ୍ଚାଥି ଏୟାର୍‌ଷ୍ଟ୍ରିପ୍ ରନ୍‌ୱେର ଉନ୍ନତିକରଣ୍ କାମ୍ ଲାଗି ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇତାର୍‌ଉତ୍‌ରୁ ମୁଖ୍ୟମନ୍ତ୍ରୀ ୩ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ବେଲ୍‌ପଡ଼ା ବ୍ଲକ୍‌ର ଅପର୍‌ଲାନ୍ଥ ଜଲ ସେଚନ୍ ପ୍ରକଳ୍ପର୍ ଉନ୍ନତିକରଣ୍ ଲାଗି ଶିଲାନ୍ୟାସ୍ କରିଥିଲେ । ଇ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର୍ ଯେନ୍ ବ୍ଲକ୍ ନ ଜଲ୍‌ସେଚନ୍ ହାର କମ୍ ଅଛେ ସେସବୁ ବ୍ଲକ୍ ନ ଅଏତ୍‌କାନୁ ଅଏତ୍‌କା ଜଲ୍‌ସେଚନ୍ ସୁବିଧା ସୃଷ୍ଟି ଲାଗି ପଦକ୍ଷେପ୍ ନେଉଛନ୍ । ଇ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଖରିଫ୍ ଆର୍ ରବି ଋତୁଥି ବେଲ୍‌ପଡ଼ା ବ୍ଲକ୍‌ର ୨୫ ଟା ଗାଁର୍ ୩୮ ହଜାର୍‌ନୁ ଅଏତ୍‌କା

ଚାଷୀ ଲାଭ ପାଏବେ । ଅପର୍‌ଲାନ୍ଟୁ ପ୍ରକଳ୍ପନୁ ଜଲବିଦ୍ୟୁତ୍ ଶକ୍ତି ଉତ୍ପାଦନ୍ ଲାଗି ଭିଲ୍ ବ୍ୟବସ୍ଥା ହେବା ବଲି ସେ କହିଛନ୍ ।

ଇତାର୍‌ଛଡ଼ା ପାଟ୍‌ନାଗଡ଼୍ ଉପଖଣ୍ଡର୍ ମେଡ଼ିକାଲ୍ ଆଉ ଡାଇଲିସିସ୍ କେନ୍ଦ୍ର ଆର୍ ଟିଟିଲାଗଡ଼୍ ନ ଗୁଟେ ଡାଇଲିସିସ୍ କେନ୍ଦ୍ରକେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କରିଥିଲେ । ଇତାର୍‌ସହେତେ ପାଟ୍‌ନାଗଡ଼୍ ବାଇପାସ୍ ରାସ୍ତାର୍ ଶିଲାନ୍ୟାସ୍ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଲାଙ୍ଗିର୍ ନ ତିଆର୍ ହେଇଥିବା ନୂଆଁ ସର୍କିଟ୍ ହାଉସ୍‌କେ ଭିଲ୍ ଆଏଜ୍ ଉଦ୍‌ଘାଟନ୍ କରିଛନ୍ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସ୍ୱାସ୍ଥ୍ୟ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଆର୍ ନିରଞ୍ଜନ୍ ବିଶିଙ୍କର୍ ସହେତେ କଂଟାବାଞ୍ଜି ବିଧାୟକ୍ ଲକ୍ଷ୍ମଣ୍ ବାଗ୍ ଯୋଗ୍ ଦେଇକରି ଉଦ୍‌ବୋଧନ୍ ଦେଇଥିଲେ ।

## ସୁବର୍ଣ୍ଣଜୟନ୍ତୀ ସମାରୋହ- ଧର୍ମେନ୍ଦ୍ର ପ୍ରଧାନ୍   ଆର୍‌ଏନ୍‌ୟୁ କଟକ୍

ଜାତୀୟ ଶିକ୍ଷାନୀତିଥି ମାତୃଭାଷାଥି ଶିକ୍ଷାଦାନ୍ ଉପ୍‌ରେ ଗୁରୁତ୍ୱ ଦିଆଯାଇଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଢେଙ୍କାନାଲ୍ ମଙ୍ଗଲ୍‌ପୁର୍ ଠାନେ ଥିବା ସତ୍ୟବାଦୀ ସର୍‌କାରୀ ଉଚ୍ଚବିଦ୍ୟାଲୟର୍ ସୁବର୍ଣ୍ଣ ଜୟନ୍ତୀ ସମାରୋହଥି

ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଆଏବା ପିଢ଼ିକେ ତିଆର୍ କର୍‌ବାର୍‌କେ ଶିକ୍ଷକ୍ ଆଉ ଗୁରୁଜନ୍ ମାନ୍‌କର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ । ଇ ସମାରୋହଥି ସାଂସଦ୍ ରୁଦ୍ର ନାରାୟଣ ପାଣି ଭିଲ୍ ଯୋଗ୍ ଦେଇଥିଲେ ।

ପେକ୍ସ, ଲେମ୍ପ୍ସ ଭିତିଭୂମି ବିକାଶ୍ ଯୋଜ୍‌ନା/ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ସମବାୟ ବିଭାଗ୍ ତର୍‌ଫୁ ପ୍ରାଥମିକ କୃଷି ସମବାୟ ସମିତି - ପେକ୍ସ ଆଉ ବୃହଦାକାର ଆଦିବାସୀ ବହୁମୁଖୀ କୃଷି ସମବାୟ ସମିତି- ଲେମ୍ପ୍ସ ର ଭିତିଭୂମିର ବିକାଶ୍ ଲାଗି ପାଣ୍ଠି ମଞ୍ଜୁର୍ କରାଯାଇଛେ । ୮ ଶହ ୮୫ ଟା ପେକ୍ସ ଆଉ ଲେମ୍ପ୍ସ ଲାଗି ପହେଲା ଖେପେ ଶହେ ୨ କୋଟି ୩୯ ଲାଖ୍ ୩୩ ହଜାର୍ ୪ ଶହ ଟଙ୍କା ଦିଆଯାଇଛେ । ଇ ଟଙ୍କାଥି ୬ ଶହ ୪୫ ଟା ସମିତି ୫୦ ମେଟ୍ରିକ୍ ଟନ୍‌ର ଗୁଦାମ୍ ଘର୍ ନିର୍ମାଣ୍ ସହେତେ ନିଜର୍ କାର୍ଯ୍ୟାଳୟ ତିଆର୍ କର୍‌ବେ ଆର୍ ୨ ଶହ ୪୪ ଟା ସମିତି ନିଜର୍ କାର୍ଯ୍ୟାଳୟ ତିଆର୍ କର୍‌ବେ । ଜିଲ୍ଲାପାଲ୍ ମାନ୍‌କର୍ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ୍‌ଥି ସବୁ ନିର୍ମାଣ୍ କାମ୍ ଜଲ୍‌ଦି କର୍‌ବାର୍ ଲାଗି ସମବାୟ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଇ ଯୋଜ୍‌ନାଥି ବର୍‌ଗଡ୍ ନ ୩୯, ବୌଦ୍ଧ ନ ୧୮, ଦେବ୍‌ଗଡ୍ ନ ୧୭, ଝାର୍‌ସୁଗୁଡ଼ା ନ ୨୩, କଲାହାଣ୍ଡି ନ ୩୦, ନୂଆପଡ଼ା ନ ୧୬, ସମ୍ବଲ୍‌ପୁର୍ ନ ୪୦, ସୁବର୍ଣ୍ଣପୁର୍ ନ ୨୬ ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲା ନ ୪୧ ଟା ପେକ୍ସ ଆର୍ ଲେମ୍ପସର ଭିତିଭୂମିର ବିକାଶ୍ କରାଯିବା ।

ଜନଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ          ସୂଚନା ଲୋକସମ୍ପର୍କ ବିଭାଗ୍

ଭୁବ୍‌ନେଶ୍ୱର୍ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା ୪ ତାରିଖ୍ ଆଉ ୧୧ ତାରିଖ୍ ସୋମ୍‌ବାର୍ ଜନଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ପରବର୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଲୋକ୍‌ମାନ୍‌କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚନା ଦିଆଯାଇଛେ ।

ବେଙ୍କ୍ ବନ୍ଦ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ଭିନ୍ ଭିନ୍ ଇଲାକା ନ ଇ ମାସ ବେଙ୍କ୍ ୧୩ ଦିନ୍ ବନ୍ଦ୍ ରହେବା । ଇ ବାବ୍‌ଦେ ରିଜର୍ଭ ବେଙ୍କ୍ ଅଫ୍ ଇଣ୍ଡିଆର

ଅଫିସିଆଲ୍ ୱେବ୍‌ସାଇଟ୍‌ଥି ସୂଚ୍‌ନା ଦିଆଯାଇଛେ । ଦେଶର୍ ଭିନ୍ ଭିନ୍ ଇଲାକା ନ ପର୍ବପର୍ବାଣୀ ଲାଗି ୭ ଦିନ୍ ବେଙ୍କ୍ ବନ୍ଦ୍ ରହେବା । ସେନ୍ତା ୪ ଟା ରଏବାର୍ ଆଉ ୨ ଟା ଶନିବାର୍ ଲାଗି ଭିଲ୍ ବେଙ୍କ୍ ବନ୍ଦ୍ ରହେବା । ହେଲେ ବେଙ୍କ୍ ଛୁଟି ରହେଲେ ଭିଲ୍ ଗ୍ରାହକ୍ ଅନ୍‌ଲାଇନ୍ ବେଙ୍କିଙ୍ଗ୍ ଆର୍ ଏଟିଏମ୍‌ନୁ ଟଙ୍କା ଉଠାଯାଇପାର୍‌ବା ।

ବାତ୍ୟା ଦାନା- ରିପୋର୍ଟ- ରାଜସ୍ୱ ମନ୍ତ୍ରୀ  ସମ୍ବଲପୁର୍ ସମ୍ବାଦଦାତା

ବାତ୍ୟା ଦାନାଥି ବାଲେଶ୍ୱର୍, ଭଦ୍ରକ୍ ଆର୍ କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ୍ ନୁକ୍‌ସାନ୍ ହେଇଛେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍ ଯେ, ସବୁ ବିଭାଗ୍‌ର ରିପୋର୍ଟ ଆଏବା କାଏଲ୍ ମିଲ୍‌ବା । ରିପୋର୍ଟ ପାଏଲା ଉତ୍‌ରୁ ପହେଲା ଫସଲ୍ ଆର୍ ଘରର୍ କ୍ଷତିପୂରଣ୍ ଦିଆଯିବା । କ୍ଷୟକ୍ଷତିର୍ ଆକଲନ୍ ଲାଗି କେନ୍ଦ୍ରୀୟ ଟିମ୍ ଭିଲ୍ ଆସ୍‌ବାର୍ ଅଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ସେ କହିଛନ୍ ଯେ, ଓଡ଼ିଶା ଭିଲ୍ କେନ୍ଦ୍ର ସର୍‌କାର୍‌ଙ୍କୁ ନୁକ୍‌ସାନ୍‌ର ତଥ୍ୟ ଦେବା ।

ସୁନ୍ଦର୍‌ଗଡ୍, ହେମ୍‌ଗିରି- ଦୁର୍ଘଟଣା ଝାର୍‌ସୁଗୁଡ଼ା
ସମ୍ବାଦଦାତା

ସୁନ୍ଦର୍‌ଗଡ୍ ଜିଲ୍ଲା ହେମ୍‌ଗିର୍ ଥାନା ଗଇକନ୍‌ପାଲି ପାଖେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୫ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଳେ ୬ ଝନ୍ ଜବର୍ ଜଖମ୍ ହେଇଛନ୍ । ଗୁଟେ ଟ୍ରଲର୍‌କେ ପଛ୍‌ଆଡୁ ଟାଟା ମେଜିକ୍ ଧକ୍କା ଦେବାର୍‌ନୁ ଇ ଦୁର୍ଘଟଣା ଘଟିଥିଲା ।

ମାଓ କେମ୍ପ୍ ଠାବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ପଟଧରା ଆର୍ ସୁନାବେଡ଼ା ସଂରକ୍ଷିତ ଜଙ୍ଗଲ୍ ନ ଗୁଟେ ମାଓ କେମ୍ପ୍ ଠାବ୍ କରାଯାଇକରି ବହୁତ୍‌ଟେ ମାଓ ସାମଗ୍ରୀ ଜବତ୍ କରାଯାଇଛେ ବଲି ଏସ୍.ପି. ରାଘବେନ୍ଦ୍ର ରେଡ୍ଡୀ କହିଛନ୍ । ଶ୍ରୀ ରେଡ୍ଡୀ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି କହିଛନ୍ ଯେ, ବୋଡ଼େନ୍ ବ୍ଲକ୍ ପଟଧରା ଜଙ୍ଗଲ୍‌ର ଭଇସମୁଣ୍ଡି ଗାଁ ପାଖର୍ ଜଙ୍ଗଲ୍ ନ ମାଓ ଗତିବିଧି ଦେଖାଦେଇଥିଲା । ଇଟା ଖବର୍ ପାଇକରି ୨ ଟା ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ କେମ୍ପ୍‌କେ ଚଢ଼ଉ କରିକରି ବହୁତ୍‌ଟେ ମାଓ ସାମଗ୍ରୀ ଜବତ୍ କରିଛନ୍ ।

ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ   ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷଥି ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ ପାଲିତ୍ ହେଇଯାଇଛେ । ଇଥି ସମ୍ବଲ୍‌ପୁର୍ ଏସ୍.ପି. ମୁକେଶ୍ କୁମାର୍ ଭାମୁ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଲ୍ ଅଜାମ୍ବର ମହାନ୍ତି, ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ପି.ଜି. କାଉନ୍‌ସିଲର୍ ଅଧ୍ୟକ୍ଷ ପ୍ରଫେସର୍ ଜ୍ଞାନ୍‌ରଞ୍ଜନ୍ ସ୍ୱାଇଁ ପ୍ରମୁଖ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ଆଉ କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କୃତ କରାଯାଇଥିଲା । ଇତାର୍‌ଛଡ଼ା ଗୁଟେ ସଚେତନତା ଶୋଭାଯାତ୍ରା ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍‌ନୁ ବାହାରିକରି ଗୋଲ୍‌ବଜାର୍‌ତକ୍ ଆସିଥିଲା ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ   ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଠାନେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଲିତ୍ ହେଇଯାଇଛେ । ଜିଲ୍ଲା ପରିଷଦ୍‌ର ମୁଖ୍ୟ ଉନ୍ନୟନ୍

ଅଧିକାରୀ ପ୍ରବୀର୍ କୁମାର୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍‌ୱଣେ, ଏସ୍.ପି. ସ୍ମିଥ୍ ପର୍‌ମାର୍ ଯୋଗ୍ ଦେଇକରି ଦୁର୍ନୀତି ନିବାରଣ ଲାଗି ଶପଥ୍ ପାଠ କରେଇଥିଲେ ।

ଦୁର୍ନୀତି ନିବାରଣ ସପ୍ତାହ ପାଲନ-ବୌଦ୍ଧ ବୌଦ୍ଧ

ବୌଦ୍ଧ ନ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଲନ୍ ଅବ୍‌ସରେ ଗୁଟେ ସଚେତନତା ସଭା ଆଉ ଶପଥ୍ ପାଠ ଉତ୍ସବ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟର୍ ସଦ୍‌ଭାବନା ଗୃହ ନ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ କୁମାର୍ ପଣ୍ଡା ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମସ୍ତଙ୍କୁ ଦୁର୍ନୀତି ନିବାରଣ ଲାଗି ଶପଥ୍ ପାଠ କରେଇଥିଲେ । ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍, ୫ ନମ୍ବର୍ ବାଟାଲିୟନ୍‌ର କମାଣ୍ଡେଂଟ୍ ମନୋରଞ୍ଜନ୍ ବିଶ୍ୱାଲ୍ ଆର୍ ଡେପୁଟୀ କମାଣ୍ଡେଂଟ୍ ଏସ୍.କେ. ଧରୁଆ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ଦୁର୍ନୀତି ନିବାରଣ ସଚେତନତା ରେଲି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ନ ଜିଲ୍ଲା ପ୍ରଶାସନ୍ ତର୍ଫୁ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ରେଲି ହେଇଯାଇଛେ । ଭୀମଭୋଇ ଛକ୍‌ନୁ ଡିଆର୍‌ଡିଏ କାର୍ଯ୍ୟାଳୟ ତକ୍ ଇ ରେଲି ଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ୍ ଅଞ୍ଜଳିନା ପ୍ରଧାନ୍ ପତାକା ଦେଖେଇକରି ରେଲିର୍ ଶୁଭାରମ୍ଭ କରିଥିଲେ ।

ସମ୍ବଲପୁର୍- ସୁରଭି ଉଦ୍‌ଯାପିତ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍ ଜିଲ୍ଲାସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ୍- ସୁରଭି ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ମୀନା ରାଣୀ ମଙ୍ଗଳଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଯାପନୀ ଉତ୍ସବ୍‌ଥି ଉତରାଂଚଲ୍ ଡିଭିଜନ୍‌ର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ୍ ଚନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ବ୍ଲକ୍‌ସ୍ତର୍‌ନୁ ଉଚ୍ଚମାଧ୍ୟମିକ ବରିଷ୍ଠ ଆଉ କନିଷ୍ଠ ବର୍ଗର୍ ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ ।

ସଘନ ପ୍ରଣାଲୀ ଚାଷ୍-ତାଲିମ୍ କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଲୁଣିବାହାଲ୍ ନ ଶ୍ରୀଅନ୍ନ ଅଭିଯାନ୍ ସହାୟତାଥି ସଘନ ପ୍ରଣାଲୀ ଚାଷ୍ ଉପ୍‌ରେ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ତାଲିମ୍ ଶିବିର୍‌ଥି କୃଷିମିତ୍ର, ଏସ୍‌ଏଚ୍‌ଜି ମହିଳା, ମଡ଼ିଆ ଚାଷୀ ଆର୍ ଉନ୍ନତ କୃଷକ ମାନେ ଭାଗ୍ ନେଇଥିଲେ ।

ଗିରି ଗୋବର୍ଦ୍ଧନ୍ ପୂଜା ସମ୍ବଲପୁର/ ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଗିରି ଗୋବର୍ଦ୍ଧନ୍ ପୂଜା ହେଇଯାଇଛେ । ସମ୍ବଲ୍‌ପୁର୍ ସହରର୍ ଗୋପାଲ୍‌ଜୀ ମଠ ଆଉ ମାତାମଠ ନ ଇ ଅବ୍‌ସରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଇଥିଲା । ସେନ୍ତା ସାହାସ୍‌ପୁର୍‌ନୁ ଭିଲ୍ ଗିରିଗୋବର୍ଦ୍ଧନ୍ ପୂଜା ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ସବ୍‌ଡିଭିଜନ୍‌ର ଶ୍ୟାମସୁନ୍ଦର୍ କୁଞ୍ଜ କୁଟୀର, ଖମାର ମଠ ସହେତେ ଦେଉଲ୍‌ଝରି ଗୁମ୍ଫା, ନୃସିଂହଖମନ୍ ଆର୍ ଅଏଁଲା ଛାଟ ଗାଁ ନ ଗିରି ପୂଜନ୍ ସହେତେ ଶ୍ରୀକୃଷ୍ଣଙ୍କର୍ ପୂଜାର୍ଚ୍ଚନା କରାଯାଇଛେ । ସବୁ ଜାଗା ନ ଭଜନ୍ କୀର୍ତନ୍ ହେଇକରି ହଜାର୍ ହଜାର୍ ଲୋକ୍ ଯୋଗ୍ ଦେଇଥିଲେ ।

ଫୁଡ୍ ପଏଜନିଂ-୨ ମୃତ ସୂଚନା ଲୋକସମ୍ପର୍କ ବିଭାଗ୍

କନ୍ଧମାଲ୍ ଜିଲ୍ଲାର୍ ଦାରିଙ୍ଗ୍‌ବାଡ଼ି ବ୍ଲକ୍‌ର ମାଣ୍ଡିପଙ୍କା ଗାଁ ନ ଗଲା ୩୦ ତାରିଖ୍ ଦିନ ୨ ଝନ୍ ମହିଲାଙ୍କର୍ ମୃତ୍ୟୁ ଫୁଡ୍ ପଏଜନିଂ ଲାଗି ହେଇଛେ ବଲି ଡାକ୍ତରୀ ରିପୋର୍ଟ୍‌ନୁ ଜନାପଡ଼ିଛେ । ଇତାର୍‌ଛଡ଼ା ୬ ଝନ୍ ପିଡ଼ିତ ବ୍ରହ୍ମପୁର୍ ବଡ଼ ମେଡ଼ିକାଲ୍ ନ ଚିକିତ୍ସିତ୍ ହେଉଛନ୍ । ସବୁ ଆକ୍ରାନ୍ତଙ୍କର୍ ପରିବାର୍ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍‌ସାରେ ଚାଉଲ୍ ପାଉଛନ୍ । ଭବିଷ୍ୟତ୍ ନ ଯେନ୍ତା ଏନ୍ତା ଘଟ୍‌ନା ନାଇଁ ଘଟେ ସେଥିର୍‌ଲାଗି ସେ ଇଲାକା ନ ଅଙ୍ଗନବାଡ଼ି କର୍ମୀ ଆଉ ସ୍ୱାସ୍ଥ୍ୟ ଟିମ୍ ତର୍‌ଫୁ ସଚେତନତା କାର୍ଯ୍ୟକ୍ରମ୍ କରାଯାଉଛେ ବଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚ୍‌ନା ଦେଇଛନ୍ ।

ଦେବ୍‌ଗଡ଼୍ ବସ୍ ସେବା-ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାର୍ ଗାଁଗଅଁଲିକେ ବସ୍‌ସେବା ଆର୍ ଗମନାଗମନ୍ ସୁବିଧା ବାବ୍‌ଦେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଲୋକ୍‌ମାନେ

କେନ୍ତା ବସ୍ ସେବା ପାଉଛନ୍ ଆଉ କାଣା କଲେ ଅଏତ୍କା ସୁବିଧା ହେଇପାର୍ବା ସେ ବାବ୍ଦେ ବୈଠକ୍ଥି ଆଲୋଚନା କରାଯାଇଥିଲା ।

ଜିଏସ୍ଟି ଆର୍ଏନ୍ୟୁ /ସମ୍ବଲପୁର

କେନ୍ଦ୍ର ସର୍କାର୍ ଗଲା ଅକ୍ଟୋବର୍ ମାସେ ସାମଗ୍ରୀ ଆଉ ସେବା ଟିକସ୍- ଜିଏସ୍ଟି ଶହେ କୋଟି ୮୭ ଲାଖ୍ କୋଟି ଟଙ୍କା ଆଦାୟ କରିଛନ୍ । ବାର୍ଷିକ ଭିତିଥି ଇଟା ଶତ୍କଡ଼ା ୯ ଭାଗ୍ ଅଭିବୃଦ୍ଧି ହେଇଛେ । ଇ ସମିଆଥି ଓଡ଼ିଶା ନ ଜିଏସ୍ଟି ଆଦାୟ ୧୦ ପ୍ରତିଶତ୍ ବଢ଼ିକରି ୪ ହଜାର୍ ୫ ଶହ ୯୨ କୋଟି ଟଙ୍କା ହେଇଛେ ବଲି ଅର୍ଥମନ୍ତ୍ରଣାଲୟର୍ ଗୁଟେ ରିପୋର୍ଟନୁ ଜନାପଡ଼ିଛେ ।